# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 April - 2026

**********************************

## ମୁଖ୍ୟ ସମ୍ବାଦ

- ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ;
- – ଲୋକସଭାରେ ଆଗତ ହେଲା ତିନୋଟି ବିଲ୍
- – ବିଲ୍ ସମ୍ପର୍କିତ ଆଲୋଚନା ଜାରି
- – ଅପରାହ୍ନ ୩ଟାରେ ଆଲୋଚନା ଉପରେ ଉତ୍ତର ଦେବେ ପ୍ରଧାନମନ୍ତ୍ରୀ
- ରାଜ୍ୟବ୍ୟାପୀ ଆଜିଠାରୁ ଆରମ୍ଭ ହେଲା ଡିଜିଟାଲ ଜନଗଣନା
- ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତି ମଣତି ପ୍ରକ୍ରିୟା ଜାରି

ଏବଂ

- ଯୁକ୍ତ ଦୁଇ ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ଖାତା ଦେଖା ଆସନ୍ତାକାଲିଠାରୁ ଆରମ୍ଭ

# ସଂସଦ– ବିଲ୍ ଆଗତ

ସଂସଦର ବର୍ଦ୍ଧିତ ବଜେଟ୍ ଅଧିବେଶନର ତିନିଦିନିଆ ସ୍ୱତନ୍ତ୍ର ବୈଠକ ଆଜିଠାରୁ ଆରମ୍ଭ ହୋଇଛି। ଲୋକସଭାରେ ଆଜି ତିନୋଟି ବିଲ୍ ଆଗତ କରାଯାଇଛି। ସେଗୁଡ଼ିକ ମଧ୍ୟରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସମ୍ବିଧାନ (୧୩୧ ତମ ସଂଶୋଧନ) ବିଲ୍, ୨୦୨୬ ଏବଂ ସୀମା ନିର୍ଦ୍ଧାରଣ ବିଲ୍, ୨୦୨୬ ଆଗତ କରିଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍, ୨୦୨୬ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗୃହରେ ଉପସ୍ଥାପନ କରିଛନ୍ତି। ବିଲ୍ ଆଗତ କରି ଶ୍ରୀ ମେଘୱାଲ କହିଛନ୍ତି...

**- V/O -**

କଂଗ୍ରେସ ସଦସ୍ୟ କେ.ସି. ଭେଣୁଗୋପାଳ ବିଲ୍‌ଗୁଡ଼ିକର ବିରୋଧ କରିବା ସହ ଏଭଳି ପଦକ୍ଷେପ ଦେଶର ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିବ ବୋଲି ଅଭିଯୋଗ କରିଥିଲେ।

ସମାଜବାଦୀ ପାର୍ଟି ସଦସ୍ୟ ଅଖିଳେଶ ଯାଦବ ସ୍ୱତନ୍ତ୍ର ଅଧିବେଶନ ମାଧ୍ୟମରେ ବିଲ୍ ଉପସ୍ଥାପନ କରାଯିବା ନେଇ ପ୍ରଶ୍ନ ଉଠାଇବା ସହିତ ପ୍ରଥମେ ଜନଗଣନା କରାଯିବାକୁ ଦାବି କରିଥିଲେ। ତୃଣମୂଳ କଂଗ୍ରେସର କାକୋଲି ଘୋଷ ଦସ୍ତିଦାର ମଧ୍ୟ ବିଲ୍‌ରେ ରହିଥିବା କେତେକ ପ୍ରସ୍ତାବ

ଉପରେ ଆପତ୍ତି ଉଠାଇଥିଲେ। ଏହାର ଉତ୍ତରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା କହିଥିଲେ, ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇସାରିଛି।

ପୂର୍ବରୁ ଅଧିବେଶନ ଆରମ୍ଭ ହେବା କ୍ଷଣି ବିଶିଷ୍ଟ ଗାୟିକା ତଥା ପଦ୍ମବିଭୂଷଣ ଆଶା ଭୋସଲେଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବାଚସ୍ପତି ଓମ୍ ବିର୍ଲା ଆଶା ଭୋସଁଲେଙ୍କ ସ୍ମୃତିଚାରଣ କରି କହିଛନ୍ତି, ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତୀୟ ସିନେମା ଏବଂ ସଂଗୀତ ଜଗତ ପ୍ରତି ତାଙ୍କର ଅବଦାନ ପରବର୍ତ୍ତୀ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ। ଅନ୍ୟ କେତେ ଜଣ ପରଲୋକଗତ ସଦସ୍ୟଙ୍କ ପ୍ରତି ମଧ୍ୟରେ ଗୃହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

News Pool

## ପ୍ରଧାନମନ୍ତ୍ରୀଙ୍କ ଉତ୍ତର

ମହିଳା ସଂରକ୍ଷଣ ବିଲ୍ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନ ୩ଟା ବେଳେ ଉତ୍ତର ପ୍ରଦାନ କରିବେ। ପୂର୍ବରୁ ଶ୍ରୀ ମୋଦୀ କହିଥିଲେ, ଦେଶର ଗଣତନ୍ତ୍ରକୁ ଅଧିକ ସଶକ୍ତ କରିବା ପାଇଁ ଲୋକସଭା ଏବଂ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ରହିବା ଜରୁରୀ। ବହୁ ପୂର୍ବରୁ ଏଥିପାଇଁ ପ୍ରୟାସ ଆରମ୍ଭ ହୋଇଥିଲେ ମଧ୍ୟ ରାଜନୈତିକ ଉଚ୍ଛାଶକ୍ତିର ଅଭାବ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇ ନ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

Desk

# ନାରୀଶକ୍ତି ବନ୍ଦନ ଦୌଡ

ମହିଳା ସଂରକ୍ଷଣ ବିଲ୍ ସମେତ ଅନ୍ୟ ଦୁଇଟି ବିଲ୍ ଆଗତ ତଥା ଆଲୋଚନା ନେଇ ଚାଲିଥିବା ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ ।

**- V/O -**

ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ଓ ଶନିବାର ଦିନ କଟକ ସମେତ ଦେଶର ସାତୋଟି ପ୍ରମୁଖ ସହରରେ ‘ନାରୀଶକ୍ତି ବନ୍ଦନ ଦୌଡ’ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

All PTC

## ଜନଗଣନା

ରାଜ୍ୟବ୍ୟାପୀ ଆଜିଠାରୁ ଡିଜିଟାଲ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ । ଏହି ଅଭିଯାନ ଅଧୀନରେ ୯୦ ହଜାରରୁ ଅଧିକ କର୍ମଚାରୀ ଘରକୁ ଘର ବୁଲି ଜନସଂଖ୍ୟା ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବେ । ପର୍ଯ୍ୟବେକ୍ଷଣ ପାଇଁ ୧୫ ହଜାର ୧୪୦ ଜଣ ସୁପରଭାଇଜରଙ୍କୁ ଏଥିପାଇଁ ନିୟୋଜିତ କରାଯାଇଛି । ପ୍ରତ୍ୟେକ ଗଣନାକାରୀଙ୍କୁ ପାଖାପାଖି ୮୦୦ ଜଣଙ୍କର ତଥ୍ୟ ସଂଗ୍ରହ କରିବା ପାଇଁ କୁହାଯାଇଛି । ଆବାସଗୁଡ଼ିକର ତାଲିକା ପ୍ରସ୍ତୁତି

ଏଥିପାଇଁ ସ୍ୱତନ୍ତ୍ର ନମ୍ବର ପ୍ରଦାନ କରିବା ଏବଂ ପ୍ରତ୍ୟେକ ପରିବାରର ମୁଖ୍ୟଙ୍କ ସହ  ସୂଚନା ଆଦାୟ ନେଇ ଆଲୋଚନା କରିବା ଏହି ଅଭିଯାନର ଅନ୍ୟତମ ଉଦ୍ଦେଶ୍ୟ। ଏଥିପାଇଁ ମୋଟ୍ ୩୩ଟି ପ୍ରଶ୍ନ ସହିତ ଏକପ୍ରଶ୍ନାବାଳୀ ପ୍ରସ୍ତୁତ କରାଯାଇଛି। ଜନଗଣନା ପୂର୍ବରୁ ଏହି ପ୍ରକ୍ରିୟାର ପ୍ରାକ୍ ପ୍ରସ୍ତୁତି ନେଇ ଗଣନାକାରୀଙ୍କୁ ତିନିଦିନ ସମୟ ପ୍ରଦାନ କରାଯାଇଛି।

ବିଭିନ୍ନ ଜିଲ୍ଲାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ଖବର ଆମର ହସ୍ତଗତ ହୋଇଛି।

Puri

## ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତି ମଣତି ପ୍ରକ୍ରିୟା ଜାରି ରହିଛି। ସକାଳ ଧୂପନୀତି ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଲ୍ଲା ଟ୍ରେଜେରୀରୁ ଆଜି ମଧ୍ୟ ଭିତର ଭଣ୍ଡାର ଘର ଚାବି ଅଣାଯିବା ସହ ଏହାକୁ ଖୋଲାଯାଇ ଗଣତି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୧୯୭୮ ମସିହା ତାଲିକା ଅନୁଯାୟୀ ଭିତର ରତ୍ନଭଣ୍ଡାରରେ ୩୬୭ ପ୍ରକାରର ସୁନା ଏବଂ ୨୩୧ ପ୍ରକାରର ରୂପା ଅଳଙ୍କାର ରହିଛି। ଏହି ତାଲିକା ସହ ବର୍ତ୍ତମାନର ଗଣତି ନେଇ ମେଳକ କରାଯିବ। ସବୁ ଅଳଙ୍କାରଗୁଡ଼ିକ ଭିଡିଓଗ୍ରାଫି, ଫଟୋଗ୍ରାଫି ଏବଂ ଥ୍ରୀ-ଡି ମ୍ୟାପିଂ କରାଯାଉଛି। ଗତ ସୋମବାରଠାରୁ ଭିତର ରତ୍ନଭଣ୍ଡାର ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେବଳ

ମନୋନୀତ ସଦସ୍ୟଙ୍କ ଉପସ୍ଥିତିରେ ଏହି ଗଣନା କାର୍ଯ୍ୟ କରାଯାଉଛି। ଗଣତି ପରିପ୍ରେକ୍ଷୀରେ ଶ୍ରୀଜୀଉଙ୍କୁ ବାହର କାଠ ନିକଟରୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି। ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ଗଣତି ମଣତି ପ୍ରକ୍ରିୟା ଜାରି ରହିଛି ବୋଲି ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି।

**- V/O –**

Nabarangpur

## ନାରୀଶକ୍ତି ବନ୍ଦନ ସମ୍ମିଳନୀ

ନବରଙ୍ଗପୁର ଜିଲ୍ଲାରେ ନାରୀଶକ୍ତି ବନ୍ଦନ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ନାରୀଶକ୍ତିର ଉତ୍ଥାନ ପାଇଁ ନୂତନ ଅଧିନିୟମ ଲାଗୁ କରୁଥିବା ବେଳେ ଆଜିଠାରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦରେ ଅନୁଷ୍ଠିତ ବିଶେଷ ଅଧିବେଶନ ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଇଥିଲେ। ‘ସଶକ୍ତ ନାରୀଶକ୍ତି, ସଶକ୍ତ ଭାରତ’ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ନାରୀଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

BHK

## ସଶକ୍ତ ନାରୀ କାର୍ଯ୍ୟକ୍ରମ

ନାରୀଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ କରିବା, 'ସଶକ୍ତ ଭାରତ, ସଶକ୍ତ ନାରୀ', ନାରୀ ଶକ୍ତିଙ୍କ ନୂଆ ଭାରତ କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ବିଜେପିର କର୍ମୀ ପ୍ରମୁଖ ଯୋଗଦେଇ ପଞ୍ଚାୟତରୁ ସାଂସଦ ପର୍ଯ୍ୟନ୍ତ ମହିଳାଙ୍କ ପାଇଁ ଐତିହାସିକ ଅଧିନିୟମ ପାରିତ ହେବାକୁ ଯାଉଥିବାରୁ ଏହା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ମହିଳାମାନଙ୍କ ପାଇଁ ଆତ୍ମନିର୍ଭର କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ରହିଥିବାରୁ ସେମାନେ ପ୍ରଧାନମନ୍ତ୍ରୀଙ୍କ ଧନ୍ୟବାଦ ଜଣାଇଛନ୍ତି। ଏହି ସମାବେଶରେ ନାରୀଶକ୍ତି ବନ୍ଦନ ପଦଯାତ୍ରା ବାହାରି ନଗର ପରିକ୍ରମା କରିଥିଲା।

HS

## ବଲାଙ୍ଗୀର– ଭିତ୍ତିପ୍ରସ୍ତର ସ୍ଥାପନ

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବିଜ୍ଞପିତ ଅଞ୍ଚଳ ପରିଷଦରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଆଜି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏଥିରେ ଯୋଗଦେଇ ଆଞ୍ଚଳିକ ବିକାଶ ଏବଂ ଜନତାଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ କରିବାରେ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଛନ୍ତି।

ଏହିପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ରମ ହେଲେ ପାଟଣାଗଡ଼ରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବ ବୋଲି ସେ କହିଛନ୍ତି।

HS

## ଯୁକ୍ତ ଦୁଇ ଖାତାଦେଖା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ଖାତା ଦେଖା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ୧୫୧ଟି ମୂଲ୍ୟାୟନ କେନ୍ଦ୍ରରେ ୮ ହଜାର ୩୪୩ ଜଣ ଅଧ୍ୟାପକ ଖାତା ଦେଖିବେ। ବିଜ୍ଞାନରେ ୭ଟି, ବାଣିଜ୍ୟରେ ୨ଟି, କଳାରେ ୫ଟି ବିଷୟ ସହ ଧନ୍ଦାମୂଳକ ଶିକ୍ଷାର ଟ୍ରେଡ୍ ପେପର, ଖାତା ଦେଖାଯିବ। ଏପ୍ରିଲ ୨୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ, ମୂଲ୍ୟାୟନ ଶେଷ ହେବ। ଖାତା ଦେଖା ଚାଲିଥିବା ବେଳେ ଟାବୁଲେସନ୍ ପ୍ରକ୍ରିୟା ମଧ୍ୟ ଚାଲିଛି। ଆସନ୍ତାମାସ ତୃତୀୟ ସପ୍ତାହ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖିଛି ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି। ଗତକାଲି ଯୁକ୍ତ ଦୁଇ ପରୀକ୍ଷା ପ୍ରଥମ ପର୍ଯ୍ୟାୟ ଖାତା ଦେଖା ଶେଷ ହୋଇଛି।

Rayagada

## ସୁଭଦ୍ରା ଶକ୍ତି ସଚେତନତା

ରାୟଗଡ଼ା ଜିଲ୍ଲା ପ୍ରଶାସନ ଓ ମିଶନଶକ୍ତି ବିଭାଗ ପକ୍ଷରୁ ସଦର ମହକୁମାଠାରେ ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ ପତାକା ଦେଖାଇ

ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଏକ ସାଧାରଣ ସଭାରେ ମହିଳାଙ୍କ ଅଧିକାର ଏବଂ ମିଶନ ଶକ୍ତି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି ।

Gajapati

## ଜଳବାୟୁ ପରିବର୍ତ୍ତନ

ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ଅନ୍ତର୍ଗତ ମହେନ୍ଦ୍ରଗଡ଼ ସ୍ଥିତ କାର୍ତ୍ତିକ ଗମାଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଜଳବାୟୁ ପରିବର୍ତ୍ତନ ଓ ନିରାକରଣ ସମ୍ପର୍କିତ ଏକ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନର କାରଣ, ପରିବେଶ ଉପରେ ତାହାର ପ୍ରଭାବ ଏବଂ ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

Nuapada

## ଖୋ ଖୋ ପ୍ରତିଯୋଗିତା

ନୂଆପଡ଼ା ଜିଲ୍ଲାରେ ଚାଲିଥିବା ସି.ଏମ୍.ଟ୍ରଫି-୨୦୨୬ ଜିଲ୍ଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ୧୪ ବର୍ଷରୁ କମ୍ ବାଳକ ଏବଂ ବାଳିକା ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଳକ ବିଭାଗରେ ୪ଟି ଦଳ ଏବଂ ବାଳିକା ବିଭାଗରେ ଦୁଇଟି ଦଳ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାକୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ

ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ପାଇଁ ବହୁ ଛାତ୍ରଛାତ୍ରୀ ଅନଲାଇନ୍ ମାଧ୍ୟମରେ ନାମ ପଞ୍ଜୀକରଣ କରିଥିଲେ। ବାଳିକା ବିଭାଗରେ ନ୍ୟାସନାଲ ଉଚ୍ଚବିଦ୍ୟାଳୟ ଏବଂ ବାଳକ ବିଭାଗରେ ସିନାପାଲି ବ୍ଲକର ନୀଳଜି ଖୋ ଖୋ ଦଳ ବିଜୟୀ ହୋଇଛି।